# ସିକ୍ୟୁରିଟି ଗାର୍ଡ ଓ ସୁପରଭାଇଜର ପଦବୀ ପାଇଁ ନିଯୁକ୍ତି ଶିବିର ।

ଜିଲ୍ଲା ନିଯୋଜନ ବିଭାଗ ଓ ଆଂଚଳିକ ପ୍ରଶିକ୍ଷଣ ଏକାଡେମୀ ଏସ୍ ଆଇ ଏସ୍ ଲିଃ. କଟକର ମିଳିତ ସହଯୋଗରେ ଅନୁଗୋଳ ଜିଲ୍ଲାର ଶିକ୍ଷିତ ଯୁବକମାନଂକୁ ରୋଜଗାର ଉପଲବଧ କରାଇବା ଉଦ୍ଦେଶ୍ୟରେ ଏକ ନିଯୁକ୍ତି ଶିବିର ଚଳିତ ମାସ ୧୯ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ନିଯୁକ୍ତି ଶିବିରରେ ସୁରକ୍ଷା କର୍ମୀ ଓ ସୁପରଭାଇଜର ପଦବୀରେ ନିଯୁକ୍ତି ନିମନ୍ତେ ଚଳିତ ମାସ ୧୯ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୧୦ ଘଟିକାରୁ ଅପରାହ୍ନ ୩ ଘଟିକା ସମୟରେ ସମସ୍ତ ୮ଟି ବ୍ଲକ୍ କାର୍ଯ୍ୟାଳୟରେ ଚୟନ ଓ ପଞ୍ଜିକରଣ କାର୍ଯ୍ୟ ଅନୁଷ୍ଠିତ ହେବ । ଏହି ଚୟନ ଶିବିରରେ ଚଳିତ ମାସ ୧୯ ତାରିଖରେ ଆଠମଲ୍ଲିକ୍ ବ୍ଲକ୍‌ରେ, ୨୦ ତାରିଖରେ କିଶୋରନଗର ବ୍ଲକ୍‌ରେ, ୨୧ ତାରିଖରେ ଛେଣ୍ଡିପଦା ବ୍ଲକ୍‌ରେ, ୨୨ ତାରିଖରେ ତାଳଚେର ବ୍ଲକ୍‌ରେ, ୨୩ ତାରିଖରେ କଣିହାଁ ବ୍ଲକ୍‌ରେ, ୨୬ ତାରିଖରେ ପାଲଲହଡା ବ୍ଲକ୍‌ରେ, ୨୭ ତାରିଖରେ ଅନୁଗୋଳ ବ୍ଲକ୍‌ରେ ଓ ୨୮ ତାରିଖରେ ବଣ୍ଟାଁରପାଳ ବ୍ଲକ୍‌ରେ ଅନୁଷ୍ଠିତ ହେବ । ଏହି ପଦବୀ ପାଇଁ ପ୍ରାର୍ଥୀମାନଂକର ବୟସ ୨୧ ରୁ ୩୭ ବର୍ଷ ବୟସ , ଶିକ୍ଷାଗତ ଯୋଗ୍ୟତା ଦଶମ ପାସ୍,ଉଚ୍ଚତା ୧୬୮ ସେ.ମି, ଓଜନ ୫୬-୮୦ କିଲୋ ହେବା ସହ ଶାରିରୀକ ଭାବେ ସୁସ୍ଥ ହୋଇଥିବା ଆବଶ୍ୟକ । ଚୟନ ପ୍ରାର୍ଥୀମାନଂକୁ କଟକ ଚୌଦ୍ୱାରର ଏସ୍ ଆଇ ଏସ୍ ଲିଃ. ତରଫରୁ ଏକ ମାସ ପାଇଁ ଶାରିରୀକ ଦକ୍ଷତା, ଅଗ୍ନିଶମ ସେବା ପ୍ରଶିକ୍ଷଣ ଓ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ତାଲିମ ଦିଆଯିବା ସହ ତାଲିମ ପରେ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତିରେ ରାଜ୍ୟ/ଦେଶର ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥା, ଶିଳ୍ପ କ୍ଷେତ୍ର, ବ୍ୟାକିଙ୍ଗ୍ କ୍ଷେତ୍ର, କର୍ପୋରେଟ ଓ ହୋଟେଲ ଆଦି କ୍ଷେତ୍ରରେ ମାସିକ ୧୨ ହଜାର ଟଙ୍କାରୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ବେତନ ଦିଆଯିବାର ବ୍ୟବସ୍ଥା ରହିଛି । ଏହା ସହିତ ଇ ପି ଏଫ୍, ଈ ଏସ୍ ଆଇ,ଗ୍ରାଚ୍ୟୁଇଟି,ବୋନସ୍ , ସ୍ୱାସ୍ଥ୍ୟ ବୀମା,ବାର୍ଷିକ ବେତନ ବୃଦ୍ଧି ଓ ପେନସନ୍ ଇତ୍ୟାଦିର ସୁବିଧା ରହିଛି ବୋଲି ଜିଲ୍ଲା ନିଯୋଜନ ଅଧିକାରୀ ଶ୍ରୀ ମାନସ ରଞ୍ଜନ ମହାନ୍ତିଙ୍କ ସୁତ୍ରରୁ ପ୍ରକାଶ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୫୦୯ ତା.୧୨.୯.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।